**ଭାରତୀୟ ଜନତା ପାର୍ଟି, ଜାମ୍ମୁ ଓ କାଶ୍ମୀର**

**ପଣ୍ଡିତ ପ୍ରେମନାଥ ଦୋଗ୍ରା ଭବନ, କଚ୍ଛି ଚାଓନି ଜାମ୍ମୁ**

**ତା.୨.୧୨.୨୦୧୩**

**ପ୍ରେସ ବିଜ୍ଞପ୍ତି**

**ଓମାର ଟ୍ୱିଟରରେ କହିଥିବା କଥାକୁ ନାଡ଼ାଙ୍କ ଖଣ୍ଡନ ।**

ନରେନ୍ଦ୍ର ମୋଦି ଜାମ୍ମୁର ଲଲ୍‌କାର ର୍‌ୟାଲିରେ ସେଠାକାର କନ୍ୟା ସନ୍ତାନ ନେଇ ଯେଉଁ ପକ୍ଷପାତିତା ଆଚରଣ କରାଯାଉଅଛି ତାହା ସମ୍ପର୍କରେ କହିଥିବା ଭାଷଣ ନେଇ ମୁଖ୍ୟମନ୍ତ୍ରୀ ଓମାର ଅବ୍ଦୁଲ୍ଲା ଟ୍ୱିଟରରେ ଯେଉଁ ଯୁକ୍ତି ଉପସ୍ଥାପନା କରିଛନ୍ତି, ସେଠାକାର ବି.ଜେ.ପି ସାଧାରଣ ସମ୍ପାଦକ ଓ ସାଂସଦ ଜେ.ପି ନାଡ଼ା ଖଣ୍ଡନ କରିଛନ୍ତି । ସେ ଗଣ ମାଧ୍ୟମ ସମ୍ମୁଖରେ କିଛି ଠୋସ ପ୍ରମାଣ ଦେବା ସହ ସେଠାକାର ମହିଳା ଓ ଦେଶର ବାକି ରାଜ୍ୟର ମହିଳାଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ଦର୍ଶାଇଛନ୍ତି ।

ଶ୍ରୀ ନରେନ୍ଦ୍ର ମୋଦି ଯାହା ସବୁ କହିଥିଲେ ତାହା ସମ୍ପୂର୍ଣ୍ଣ ସତ୍ୟ ବୋଲି କହିବା ସହ ୩୭୦ ଧାରା ସେଠାକାର ଜନତାଙ୍କ ପାଇଁ ବାସ୍ତବିକ ଭାବରେ ଉପଯୁକ୍ତ କି ନୁହେଁ ସେ ପ୍ରଶ୍ନ ମଧ୍ୟ କରିଥିଲେ । ମୋଦିଙ୍କ ର୍‌ୟାଲିର ବିପୁଳ ଜନ ସମାଗମ ଓ ଲୋକ ପ୍ରିୟତାରେ ଘବରାଇ ଯାଇ ଓମାର ଏପରି ପିଲାଳିଆ କାର୍ଯ୍ୟ କରୁଛନ୍ତି ବୋଲି ମଧ୍ୟ ସେ କହିଥିଲେ ।

**ଜାମ୍ମୁ କାଶ୍ମୀର କୋର୍ଟର ଶୁଣାଣି**

(ଏଲ.ପି.ଏ ୨୯/୨୭୯) ରେ ଜାମ୍ମୁ କାଶ୍ମୀର ସରକାର ଓ ସୁଶୀଳା ସୋହନୀଙ୍କ ଏକ କେଶ ଫାଇଲ ହୋଇଥିଲା । ଯାହାର ତାରିଖ ୨୦୦୨ ଅକ୍ଟୋବର ମାସ ୨ ତାରିଖ ପର୍ଯ୍ୟନ୍ତ ବଦଳିବାରେ ଲାଗିଥିଲା । ଅକ୍ଟୋବର ୭ ତାରିଖରେ ଏକ ତିନି ଜଣିଆ ବିଚାର ପତିଙ୍କ ବିଶିଷ୍ଟ କୋର୍ଟରେ, ଜଷ୍ଟିସ ବିଜୟ କୁମାର ଝାଞ୍ଜି, ଜଷ୍ଟିସ ଟି.ଏସ.ଦୋଆବିଆ ଓ ଜଷ୍ଟିସ ମୁଜାଫର ଜାନଙ୍କ ଦ୍ୱାରା । ସେଠାରେ ଜଷ୍ଟିସ ଝାଞ୍ଜିଙ୍କ ଦ୍ୱାରା ନିଷ୍ପତ୍ତି ଶୁଣା ଯାଇଥିଲା କି, ରାଜ୍ୟର ସ୍ଥାୟୀ ବାସିନ୍ଦା ହୋଇଥିବା କନ୍ୟା ଜଣେ ବାହାର ରାଜ୍ୟର ସ୍ଥାୟୀ ବାସିନ୍ଦା ହୋଇଥିବା ଯୁବକଙ୍କ ବିବାହ କଲେ ମଧ୍ୟ ତାହାର ସ୍ଥାୟୀ ବାସିନ୍ଦା ହେବାର ମର୍ଯ୍ୟଦା ଅପରିବର୍ତ୍ତିତ ରହିବ । ଜଷ୍ଟିସ ଦୋଆବିଆ ମଧ୍ୟ ତାଙ୍କ ନିଷ୍ପତ୍ତିରେ ସହମତି ପ୍ରକାଶ କରିଥିଲେ । ମାତ୍ର ୨୦୦୪ ମାର୍ଚ୍ଚ ମାସରେ ମୁଫତି ମହମ୍ମଦ ସୟୀଦଙ୍କ ସରକାର ଆସିବା ପରେ ଏକ

ସ୍ୱତନ୍ତ୍ର ବିଲ ଜାମ୍ମୁ ଓ କାଶ୍ମୀର ପରମାନେଣ୍ଟ ରେସିଡେ଼ଣ୍ଟ ଡି଼ସକ୍ୱାଲିଫିକେସନ ବିଲ ଲାଗୁ ହୋଇଥିଲା । ତାହା ରାଜ୍ୟ ସମ୍ବିଧାନର ସେକ୍ସନ ୮ ର ବିଭାଗ ୩ ଅନୁଯାୟୀ କରାଯାଇଥିଲା । ତାହାକୁ ତତକାଳୀନ ଆଇନ ମନ୍ତ୍ରୀ(ପି.ଡି଼.ପି ପାର୍ଟିର) ମୁଜାଫର ହୁସେନ ବେଗଙ୍କ ଦ୍ୱାରା ପ୍ରସ୍ତାବିତ ହୋଇଥିଲା । ଉଭୟ ଏନ.ସି ଓ ପି.ଡି଼.ପି ଦଳ ଏହାର ସମର୍ଥନ କରିଥିଲେ ।

ତାହାର ପ୍ରଥମ ପର୍ଯ୍ୟାୟରେ ସ୍ଥାୟୀ ମହିଳାମାନେ ଜଣେ ଅସ୍ଥାୟୀ ପୁରୁଷଙ୍କୁ ବିବାହ କରିବା ପରେ ସ୍ଥାୟୀ ବାସିନ୍ଦା ହେବାର ସମସ୍ତ ଯୋଗ୍ୟତା ହରାଇ ବସିବେ ବୋଲି ଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ୨୦୦୨ ଅକ୍ଟୋବର ୭ ତାରିଖରୁ ଲାଗୁ ହୋଇଥିବା ପୂର୍ବ ନିୟମକୁ ପ୍ରତ୍ୟାହାର କରାଯାଇଥିଲା । ଉକ୍ତ ବିଲକୁ ପରାସ୍ତ କରିବା ପାଇଁ ଭା.ଜ.ପା ଓ କଂଗ୍ରେସ ପାର୍ଟି ଉଭୟ ନିଜ ନିଜ କ୍ଷେତ୍ରରୁ ଚେଷ୍ଟା ଚଳାଇଥିଲେ । ବି.ଜେ.ପି ସାରା ରାଜ୍ୟରେ ବିଭିନ୍ନ ଆନ୍ଦୋଳନାତ୍ମକ କାର୍ଯ୍ୟ କରୁଥିବା ବେଳେ କଂଗ୍ରେସ ଦଳରେ ରହି ବିରୋଧ କରୁଥିଲା । ଫଳରେ କଂଗ୍ରସକୁ ୨୦୦୨ ନଭେମ୍ବରରୁ ୨୦୦୮ ଜୁଲାଇ ପର୍ଯ୍ୟନ୍ତ ମିଳିତ ସରକାରରୁ ବାହାରିବାକୁ ପଡି଼ଥିଲା । ବିଧାନ ପରିଷଦରେ ବିଲଟି ଆସିବା ପରେ ଅଧ୍ୟକ୍ଷ ଅବ୍ଦୁଲ ରସିଦ ଡ଼ର (ଏନ.ସି)ର ବିନା ଆନାସ୍ଥା ପ୍ରସ୍ତାବରେ ସଦନକୁ ସ୍ଥଗିତ ରଖିଥିଲି । ଫଳରେ ବିଲଟି ଅଟକ ଅବସ୍ଥାରେ ରହିଥିଲା । ପରବର୍ତ୍ତୀ ସମୟରେ ଦଳର ସଭାପତି ଓମାର ଅବ୍ଦୁଲ୍ଲା ତାଙ୍କୁ ଦଳରୁ ବହିଷ୍କାର କରିଥିଲେ ଓ ସେ କଂଗ୍ରେସରେ ମିଶିଥିଲେ ଓ ବର୍ତ୍ତମାନ ପି.ଡି଼.ପି ରେ ଯୋଗଦାନ କରିଛନ୍ତି ।

ବି.ଜେ.ପି ୨୦୦୧ ମସିହା ଓ ୨୦୦୫ ମସିହାରେ ଜାମ୍ମୁ ଓ କାଶ୍ମୀର ହାଇ କୋର୍ଟରେ ରାଜ୍ୟରେ ନାରୀ ଓ ପୁରୁଷ ଉଭୟଙ୍କୁ ସମାନ ଅଧିକାର ଦେବା ପାଇଁ ଦାବି କରିଥିଲା । ୨୦୦୫ ମସିହା ଅଗଷ୍ଟ ମାସରେ ପି.ଡି଼.ପି ଓ କଂଗ୍ରେସ ମିଳିତ ସରକାର ହାଇକୋର୍ଟ ତାହା ସପକ୍ଷରେ ରାୟ ଦେବାକୁ ବୁଝାଇଥିଲେ ଏବଂ କୋର୍ଟର ନିଷ୍ପତ୍ତିକୁ ମଧ୍ୟ ଗ୍ରହଣ କରି ନେଇଥିଲେ । ବି.ଜେ.ପି ମଧ୍ୟ ସେଥିରେ ସହମତି ପ୍ରକାଶ କରିଥିଲା । ବର୍ତ୍ତମାନ ସେଠାକାର କନ୍ୟା ସନ୍ତାନ ଯେ କି ବିବାହ ପରେ ବାହାରେ ଅବସ୍ଥାନ କରୁଛନ୍ତି ତାଙ୍କ ସନ୍ତାନ ସନ୍ତତିଙ୍କୁ ନାଗରିକତ୍ୱର ସମସ୍ତ ଅଧିକାର ଓ ସୁବିଧା ସୁଯୋଗ ଦେବା ପାଇଁ ଯୋଜନା କରୁଅଛି ।

**ଓମାର ଓ ତାଙ୍କ ଦଳକୁ କିଛି ପ୍ରଶ୍ନ**

୧–ଯଦି ଉକ୍ତ ନିୟମ ପୁଣି ବିଧାନ ସଭାକୁ ଆସେ ତେବେ ଏନ.ସି ର ସ୍ଥାନ କେଉଁଠି ?

୨–ଓମାରଙ୍କ ଭଉଣୀ ସାରା ଜଣେ ବାହାରର ବ୍ୟକ୍ତିଙ୍କୁ ବିବାହ କରି ଓମାରଙ୍କ ଭଳି ଯେ କି ବାହାର ମହିଳାଙ୍କୁ ବିବାହ କରିଛନ୍ତି ତାଙ୍କ ଭଳି ସୁବିଧା ସୁଯୋଗ ଲାଭ କରିବେ କି ? ତାଙ୍କ ସନ୍ତାନ ସନ୍ତତି ଓମାରଙ୍କ ସନ୍ତାନ ସନ୍ତତିଙ୍କ ଭଳି ସୁବିଧା ସୁଯୋଗ ପାଇବେ କି ?

୩–ସାରା ଓମାରଙ୍କ ପତ୍ନୀ, ପାୟଲଙ୍କ ଭଳି ସୁବିଧା ସୁଯୋଗ ଲାଭ କରିବେ କି ?